# Akashvani, Sambalpur

## SAMBALPURI NEWS BULLETIN

### 17 May 2025- 6.47- 6.52 am.

*********************************************

ଓଡ଼ିଶା ହାଇକୋର୍ଟ- ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ଖରାଛୁଟି ଆଏବା ୧୯ ନୁ ଜୁନ୍ ୧୬ ତାରିଖ୍‌ତକ୍ ହେବା । ଇ ସମିଆ ଭିତ୍‌ରେ ମେ ୨୦, ୨୩, ୨୭, ୩୦ ଆର୍ ଜୁନ୍ ୩, ୪, ୧୦ ଆର୍ ୧୩ ତାରିଖ୍ ଦିନ ଅବକାଶ ପୀଠ ବସ୍‌ବା ବଲି ହାଇକୋର୍ଟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ନୁ ଜନପଡ଼ିଛେ ।

ରାଜ୍ୟପାଲ୍ I&PR

ବିଶ୍ୱସ୍ତରୀୟ ଦକ୍ଷତା ବିକାଶ୍ ଲାଗି ଶିକ୍ଷା ସଙ୍ଗେ ଦକ୍ଷତା ବିକାଶ୍‌ର ସମନ୍ୱୟ ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଖୋର୍ଦ୍ଧା ଜିଲ୍ଲାର୍ ଜଟଣୀ ଦକ୍ଷତା ବିକାଶ୍ ପ୍ରତିଷ୍ଠାନ୍ ନ ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ର ଆଉ ସ୍କିଲ୍ ଅନ୍ ହ୍ୱିଲ୍ କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ ଜାତୀୟ ଶିକ୍ଷାନୀତି -୨୦୨୦ଥି

ଉଚ୍ଚଶିକ୍ଷା ସହେତେ ଦକ୍ଷତା ବିକାଶ୍‌କେ ସମନ୍ୱିତ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ତୃତୀୟ ଲିଙ୍ଗି କଲ୍ୟାଣ୍ ବୋର୍ଡ଼ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତୃତୀୟ ଲିଙ୍ଗି କଲ୍ୟାଣ୍ ବୋର୍ଡ଼ ଗଠନ୍ କରାଯାଇଛେ । ଆଏବା ୩ ବଛର୍‌ତକ୍ ଇ ବୋର୍ଡ଼ କାମ୍ କର୍‌ବା ଆଉ ଫି’ ୩ ମାସେ ଥରେ ଲେଖା ବୋର୍ଡ଼ର ବୈଠକ୍ ବସ୍‌ବା । ବୋର୍ଡ଼ଥି ୧୬ ଝନ୍ ସଦସ୍ୟ ଥିବାର୍ ବେଲେ ରାଜ୍ୟ ସାମାଜିକ ସୁରକ୍ଷା ମନ୍ତ୍ରୀ ଇ ବୋର୍ଡ଼ର ଅଧ୍ୟକ୍ଷ ରହିଛନ୍ । ରାଜ୍ୟ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ ।

ଗ୍ରୀଷ୍ମକାଳୀନ ଶିକ୍ଷା I&PR

ଖରାଛୁଟି ସମିଆଥି ସର୍‌କାରୀ ବିଦ୍ୟାଳୟମାନ୍‌କର୍ ୧ ନୁ ୮ କ୍ଲାସ୍‌ତକ୍ ଛାତ୍ରଛାତ୍ରୀଙ୍କୁ ପାଠ୍‌ପଢ଼ାଥି ଜୁଡ଼ି ରଖ୍‌ବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଓଡ଼ିଶା ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇଥି ଶିକ୍ଷକ୍‌ମାନ୍‌କର୍ ଦେଖ୍‌ରେଖ୍‌ଥି ୧ ଲାଖ୍ ୭୦ ହଜାର୍ ୯ ଶହ ୩୨ ଟା ହ୍ୱାଟ୍‌ସ୍‌ଅପ୍ ଗ୍ରୁପ୍ ତିଆର୍ କରାଯାଇଛେ । ଇ ଗ୍ରୁପ୍ ମାନ୍‌କୁ

ସାରା ରାଏଜେ ୧୧ ଲାଖ୍ ନୁ ଅଏତ୍କା ଛାତ୍ରଛାତ୍ରୀଙ୍କୁ ଜୁଡ଼ିକରି ଖରାଛୁଟି ବେଲେ ମଉଜ୍‌ମସ୍ତି ଢଙ୍ଗେ ପାଠ୍‌ପଢ଼ାଯାଉଛେ ।

ଆଇଆଇଏମ୍‌ସି -ପିଏଚ୍‌ଡି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଶିକ୍ଷା ବଛର୍‌ନୁ ଭାରତୀୟ ଜନସଂଚାର୍ ସଂସ୍ଥାନ୍- ଆଇଆଇଏମ୍‌ସି ନ ସାମ୍ବାଦିକତା ପାଠ୍ୟକ୍ରମ୍‌ଥି ପିଏଚ୍‌ଡି ଡିଗ୍ରୀ ପାଠ୍ୟକ୍ରମ୍ ମୁଲ୍ ହେବା । ଇ ବାବ୍‌ଦେ ବିଜ୍ଞପ୍ତି ବାହାରି ସାରିଛେ ଆଉ ଖୋବ୍ ଜଲ୍‌ଦି ନାଁଲେଖା ତଥ୍ୟ ଦିଆଯିବା ବଲି ଆଇଆଇଏମ୍‌ସି କୁଳପତି ଡକ୍ଟର୍ ଅନୁପମ୍ ଭଟ୍ଟନାଗର୍ ସୂଚ୍‌ନା ଦେଇଛନ୍ ।

ଆଇଆଇଏମ୍ -ଅଣ୍ଡର୍ ଗ୍ରାଜୁଏଟ୍ ପାଠ୍ୟକ୍ରମ୍/ ପି.ଆଇ.ବି.

ଜାତୀୟ ଶିକ୍ଷାନୀତି -୨୦୨୦ ଥି ସମ୍ବଲ୍‌ପୁର୍ ଆଇଆଇଏମ୍ ନ ୨ ଟା ଅଣ୍ଡର୍ ଗ୍ରାଜୁଏଟ୍ ପାଠ୍ୟକ୍ରମ୍ ମୁଲ୍ ହେଇଛେ । ଇ ଦୁହି ପାଠ୍ୟକ୍ରମ୍ ମୁଲ୍ ହେଇଥିବା ବାବ୍‌ଦେ ଦିଲ୍ଲୀ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସମ୍ବଲ୍‌ପୁର୍ ଆଇଆଇଏମ୍ ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଜୟଶ୍‌ୱାଲ୍ ଘୋଷ୍‌ନା କରିଛନ୍ ।

ସମ୍‌ଲେଇ ମନ୍ଦିର୍ ଲାଇଟ୍ ସାଉଣ୍ଡ୍ ସୋ’  ଆର୍‌ଏନ୍‌ୟୁ/ ସମ୍ବଲପୁର

ସମଲେଇ ମନ୍ଦିର୍ ନ ଫେର୍ ଘାଏ ଲାଇଟ୍ ସାଉଣ୍ଡ୍ ସୋ’ ମୁଲ୍ ହେଇଛେ । ୬ ମାସ ହେଲା ବନ୍ଦ୍ ଥିବା ଇ ସୋ’ ଗଲାକାଏଲ୍‌ନୁ ମୁଲ୍ ହେଇଛେ । ପହେଲା ଖେପେ ବେଲ୍‌ବୁଡ଼ର୍ ୭ ନୁ ୭ ବାଜିକରି ୪୫ ମିନିଟ୍ ତକ୍ ଆଉ ଦୁଇ ନମ୍ବର୍ ଖେପେ ଆଲ୍‌ତୀ ଉତ୍‌ରୁ ୮ ବାଜିକରି ୨୦ ମିନିଟ୍‌ନୁ ଇ ସୋ’ ହେବା ବଲି ମନ୍ଦିର୍ ଟ୍ରଷ୍ଟବୋର୍ଡ୍ ସଭାପତି ସୂଚନା ଦେଇଛନ୍ ।

ଜଙ୍ଗଲ୍ ଅଧିକାର୍ ଆଇନ-ବୈଠକ୍         ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧକ୍ଷତାଥି ଜଙ୍ଗଲ୍ ଅଧିକାର୍ ଆଇନ୍ ବାବ୍‌ଦେ ଗୁଟେ ଜିଲ୍ଲାସ୍ତରୀୟ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅନୁସୂଚିତ ଜନଜାତି ଆଉ ଭିନ୍ ଭିନ୍ ପାରମ୍ପାରିକ୍ ବନବାସୀ ଆଇନ୍ -୨୦୦୬ ଅଧୀନ୍‌ଥି ଆସୁଥିବା ଶହେ ୨୭ ଟା ଦାବିକେ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ ।

ପଟ୍ଟା ବଂଟନ୍                 କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଧର୍ମଗଡ୍ ତହସିଲ୍ ତର୍ଫୁ ବସୁନ୍ଧରା ଯୋଜ୍ନାଥି ପଟ୍ଟା ବଂଟାଯାଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇକରି ୫୭ ଝନ୍ ଭୂମିହୀନଙ୍କୁ ୪ ଡିସ୍ମିଲ୍ ଲେଖା ଘର୍ ପଟ୍ଟା ଦେଇଛନ୍ ।

ବିଶ୍ୱ ଦୂରସଂଚାର ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଦୂରସଂଚାର ଦିବସ୍ । ମିଳିତ ଜାତିସଂଘ ତର୍ଫୁ ୨୦୦୬ ମସିହାନୁ ଇ ଦିବସ୍ ପାଳନ୍ କରାଯାଉଛେ । ସୂଚନା ପ୍ରଯୁକ୍ତି ବିଦ୍ୟା ଆର୍ ଇଂଟର୍ନେଟ୍ ବାଗିର୍ ଆଧୁନିକ ବୈଷୟିକ ଜ୍ଞାନ୍ କୌଶଲ୍ ଏଛନିର୍ ସମିଆର୍ ସମାଜ୍କେ ଗହୀର ପ୍ରଭାବ୍ ପକେଇଛେ । ଇ ବାବଦେ ପୁର୍ଥିର୍ ଲୁକ୍କୁ ସଚେତନ୍ କର୍ବାର୍ଟା ଇ ଦିନ୍ ପାଳନ୍ର ମୁଲ୍ ଲକ୍ଷ୍ୟ ଆଏ । ୧୮୬୫ ମସିହା ଆଝିର୍ ଦିନେ ଆନ୍ତର୍ଜାତୀୟ ଦୂରସଂଚାର ସଂଘ - ଇଂଟର୍ନେସନ୍ନାଲ୍ ଟେଲି କମ୍ୟୁକେସନ୍ ୟୁନିୟନ୍ ଗଠନ୍ କରାଯାଇଥିଲା ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ୍ । ରକ୍ତଚାପ୍‌ର ପ୍ରତିରୋଧ୍, ଚିହ୍ନଟ୍ ଆର୍ ନିୟନ୍ତ୍ରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ମେ ମାସର୍ ଆଝିର୍ ଦିନେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଲନ୍ କରାଯାଇ ଆସୁଛେ । ୨୦୦୬ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଇ ଦିବସ୍ ପାଲନ୍ ମୁଲ୍ କରିଥିଲା । ଇ ବଛ୍‌ରର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତା ହେଉଛେ ‘ନିର୍ଭୁଲ୍ ଭାବେ ନିଜର୍ ରକ୍ତଚାପ ମାପୁନ୍, ଏଟାକେ ନିୟନ୍ତ୍ରଣ୍‌ଥି ରଖୁନ୍ ଆର୍ ଦୀର୍ଘଜୀବୀ ହଉନ୍’ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ହାଲ୍‌କା ବର୍ଷା ହେଇପାରେ । ସୁନ୍ଦର୍‌ଗଡ୍, ନୂଆପଡ଼ା, କଲାହାଣ୍ଡି ସହେତେ ୧୩ ଟା ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।
ସେଆଡ଼େ ଗଲାକାଏଲ୍ ଧୁକାଗର୍ଡ଼ି ଆର୍ ଚଡ଼କ୍ ମରାଥି ରାଜ୍ୟର୍ ଭିନ୍ ଭିନ୍ ଜାଗାର୍ ୧୦ ନୁ ଅଏତ୍‌କା ଲୁକ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ବହୁତ୍‌ଟେ ନୁକ୍‌ସାନ୍ ହେଇଥିବାର୍ ଜନାପଡ଼ିଛେ ।